# NATIONAL NEWS BULLETIN (ODIA)

## 24 April - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର ।

– ରାଜ୍ୟରେ ଅନୁପ୍ରବେଶକୁ ଶାସକ ଦଳ ପ୍ରୋତ୍ସାହିତ କରୁଛି ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ପ୍ରଗତି ସ୍ଥାନୀୟ ଆବଶ୍ୟକତା ଅନୁଯାୟୀ ହେବା ଉଚିତ୍ ବୋଲି କହିଲେ ଅର୍ଥମନ୍ତ୍ରୀ ।
- ଆମ୍ ଆଦମୀ ପାର୍ଟିର ୩ ଜଣ ରାଜ୍ୟସଭା ସାଂସଦଙ୍କ ଇସ୍ତଫା ।
- ଭାରତ-ଉଜ୍‌ବେକିସ୍ତାନ ମିଳିତ ସାମରିକ କୌଶଳ 'ଡଷ୍ଟଲିକ୍' ଉଦ୍‌ଯାପିତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିର ମ୍ୟାଚ୍‌ରେ ଟସ୍ ଜିତି ଗୁଜରାଟ ଟାଇଟନ୍ସକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କଲା ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ।

## ପିଏମ୍-ଡବ୍ଲ୍ୟୁବି କ୍ୟାମ୍ପେନ୍

ପଶ୍ଚିମବଙ୍ଗରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋରସୋରରେ ଚାଲିଛି । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ପ୍ରୟାସ ଜାରି ରହିଛି । ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଆଜି ଦୃଢ଼ୋକ୍ତି ପ୍ରକାଶ କରି କହିଛନ୍ତି, ପଶ୍ଚିମବଙ୍ଗରେ ପରିବର୍ତ୍ତନ ଆସନ୍ନ । ଦକ୍ଷିଣ ୨୪ ପ୍ରଗଣା ଜିଲ୍ଲାର ବାରୁଇପୁରଠାରେ ଏକ ନିର୍ବାଚନୀ ର୍‍ୟାଲିରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ହୋଇଥିବା ଭୋଟ ଗ୍ରହଣରୁ ଜଣାପଡୁଛି ଯେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଶାସକ ତୃଣମୂଳ କଂଗ୍ରେସ ଭଲ ପ୍ରଦର୍ଶନ କରିନାହିଁ ।

ଦ୍ୱିତୀୟ ପର୍ଯ୍ୟାୟରେ ଭୋଟରମାନେ ତାଙ୍କ ଦଳକୁ ସୁଦୃଢ଼ କରିବା ଏବଂ ଏକ ବିକଶିତ ବଙ୍ଗଳା ଗଠନ କରିବା ଦିଗରେ ସହାୟତା କରିବା ଲାଗି ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି । ଶାସକ ଦଳ ଅନୁପ୍ରବେଶକୁ

ପ୍ରୋତ୍ସାହିତ କରି ବହୁ ସଂଖ୍ୟାରେ ଯୁବବର୍ଗଙ୍କୁ ରାଜ୍ୟ ବାହାରେ କାମ କରିବା ଲାଗି ବାଧ କରୁଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି । ରାଜ୍ୟରେ ରାଜନୈତିକ କ୍ଷେତ୍ରରେ ପରିବର୍ତ୍ତନ ଦ୍ୱାରା ଏହି ସମସ୍ୟାର ସମାଧାନ କରାଯାଇପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ବର୍ତ୍ତମାନର ସରକାର ମହିଳା ବିରୋଧି ବୋଲି ସମାଲୋଚନା କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ମହିଳାଙ୍କ ସୁରକ୍ଷା ଏକ ଉଦ୍‌ବେଗର କାରଣ । ଯାଦବପୁର ବିଶ୍ୱବିଦ୍ୟାଳୟ ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ସେଠାରେ ଶିକ୍ଷା କ୍ଷେତ୍ର ପ୍ରଭାବିତ ହୋଇଛି । ଏହି ସଂସ୍ଥାନକୁ ସୁରକ୍ଷା ଯୋଗାଇଦେବା ଲାଗି ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିବା ପାଇଁ ସେ କହିଛନ୍ତି । ସେହିପରି ପଶ୍ଚିମବଙ୍ଗରେ ପଛୁଆବର୍ଗଙ୍କ କଲ୍ୟାଣ ପାଇଁ ଶାସକ ତୃଣମୂଳ କଂଗ୍ରେସ ବିଫଳ ହୋଇଛି ବୋଲି ସେ ଅଭିଯୋଗ କରିଛନ୍ତି ।

ବିଜେପି ରାଜ୍ୟରେ ଶାସନ କ୍ଷମତାକୁ ଆସିଲେ ପଛୁଆବର୍ଗର ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇଦେବ ବୋଲି ପ୍ରଧାନମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଅଧୀନରେ ଜିଲ୍ଲାର ୧୧ ଲକ୍ଷ ଏଲ୍.ପି.ଜି. ଯୋଗାଣ ହୋଇପାରିଛି । ସେଥିମଧ୍ୟରେ ୩ ଲକ୍ଷ ଅନୁସୂଚୀତ ଜାତି ଏବଂ ଅନୁସୂଚୀତ ଜନଜାତି ବର୍ଗର ହିତାଧିକାରୀ ରହିଛନ୍ତି ।

# ଶାହା-ଡବ୍ଲ୍ୟୁବି କ୍ୟାମ୍ପେନ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପଶ୍ଚିମବଙ୍ଗରେ ତାଙ୍କ ଦଳ ପରବର୍ତ୍ତୀ ସରକାର ଗଠନ କରିବ ବୋଲି ଆସ୍ଥା ପ୍ରକଟ କରିଛନ୍ତି । ଉତ୍ତର ୨୪ ପ୍ରଗଣା ଜିଲ୍ଲାର ହିଙ୍ଗଲଗଞ୍ଜଠାରେ ଏକ ନିର୍ବାଚନୀ ର୍‌ୟାଲିରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ଭାରତୀୟ ଜନତା ପାର୍ଟି ପ୍ରଥମ ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହୋଇଥିବା ୧୫୨ଟି ବିଧାନସଭା ଆସନ ମଧ୍ୟରୁ ୧୧୦ଟି ଆସନରେ ନିଶ୍ଚିତ ଭାବେ ବିଜୟ ଲାଭ କରିବ । ତୃଣମୂଳ କଂଗ୍ରେସର ଦୁର୍ନୀତି ଏବଂ ଶାସନ କ୍ଷେତ୍ରରେ ଅବ୍ୟବସ୍ଥାକୁ ସେ ସମାଲୋଚନା କରିଛନ୍ତି ।

ରାଜ୍ୟରେ ବିଜେପି କ୍ଷମତାକୁ ଆସିଲେ ମହିଳାଙ୍କ ଉପରେ ହୋଇଥିବା ନୃଶଂସତା ମାମଲାଗୁଡ଼ିକୁ ପୁଣିଥରେ ଖୋଲିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, ଆଗାମୀ ୫ ବର୍ଷ ମଧ୍ୟରେ ଦଳ ରାଜ୍ୟରେ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପ ହାତକୁ ନେବ । ରାଜ୍ୟରେ ଭୋଟବ୍ୟାଙ୍କ୍ ରାଜନୀତି ଯୋଗୁଁ ଶାସକ ଦଳ ବେଆଇନ୍ ଅନୁପ୍ରବେଶକାରୀଙ୍କୁ ଅନୁମତି ପ୍ରଦାନ କରୁଛି ବୋଲି ଶ୍ରୀ ଶାହା ସମାଲୋଚନା କରିଛନ୍ତି । ଦଳ ଶାସନ କ୍ଷମତାକୁ ଆସିଲେ ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ମମତା-ଅଭିଷେକ କ୍ୟାମ୍ପେନ୍

ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ପଶ୍ଚିମବଙ୍ଗକୁ ଦିଆଯିବାକୁ ଥିବା ୨ ଲକ୍ଷ କୋଟି ଟଙ୍କାକୁ କେନ୍ଦ୍ର ସରକାର ଅଟକାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ହାଓଡ଼ାଠାରେ ଆଜି ନିର୍ବାଚନୀ ର୍ୟାଲିରେ ଯୋଗଦେଇ ସେ କହିଛନ୍ତି, ତାଙ୍କ ନେତୃତ୍ୱରେ ରାଜ୍ୟ ସୁରକ୍ଷିତ ରହିଛି ।

ଅନ୍ୟ ପକ୍ଷରେ ତୃଣମୂଳ କଂଗ୍ରେସର ନିଖିଳ ଭାରତ ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ହାଓଡ଼ାର ଜଗତବଲ୍ଲଭପୁରଠାରେ ଆୟୋଜିତ ନିର୍ବାଚନୀ ର୍ୟାଲିରେ ଯୋଗଦେଇ କହିଛନ୍ତି, ପଶ୍ଚିମବଙ୍ଗରେ ତାଙ୍କ ଦଳ ଦ୍ୱାରା ଚାଲିଥିବା ବିକାଶ ମୂଳକ କାର୍ଯ୍ୟ ଆଗାମୀ ଦିନରେ ଜାରି ରହିବ ।

## ନିର୍ମଳା ସୀତାରମଣ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅର୍ଥପୂର୍ଣ୍ଣ ପ୍ରଗତି ନିମନ୍ତେ ବିଶ୍ୱସ୍ତରରେ ବିକାଶ' ସ୍ଥାନୀୟ ଆବଶ୍ୟକତା ଅନୁସାରେ ହେବା ଉଚିତ୍ । ପୁନେଠାରେ ମହାରାଷ୍ଟ୍ର ଆଞ୍ଚଳିକ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ଷ୍ଟେଟ୍‌ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଉଦ୍‌ଘାଟନ କାର୍ଯ୍ୟକ୍ରମରେ

ଯୋଗଦେଇ ବ୍ୟାଙ୍କ୍‌ର ଭୂମିକା ସମ୍ପର୍କରେ ସୀତାରମଣ କହିଛନ୍ତି, ସଂସ୍ଥାନଗୁଡ଼ିକର ଆକାର ବୃଦ୍ଧି ସହ ଗ୍ରାହକମାନଙ୍କ ସହିତ ଘନିଷ୍ଠ ସମ୍ପର୍କ ବଜାୟ ରଖିବାର ଆବଶ୍ୟକତା ରହିଛି ।

ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଏବଂ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ସମ୍ପର୍କରେ ସେ କହିଛନ୍ତି, ଏହାର ବିନିଯୋଗ ସହିତ ପ୍ରତ୍ୟକ୍ଷ ଭାବେ ଗ୍ରାହକମାନଙ୍କ ସହିତ ସିଧାସଳଖ ସମ୍ପର୍କ ରଖିବା ଏବଂ ଭାବାତ୍ମକ ବୁଝାମଣା ଯେପରି ନଷ୍ଟ ନ ହୁଏ ତା ଉପରେ ଗୁରୁତ୍ୱପ୍ରଦାନ କରିବା ଉଚିତ୍ । ଭାରତୀୟ ଅର୍ଥନୀତି ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଘରୋଇ ବଜାରରେ ବ୍ୟାଙ୍କ୍ ଗୁଡ଼ିକର ସ୍ଥିତି ସୁଦୃଢ଼ ଆବଶ୍ୟକତା ରହିଛି ।

ଏଥିସହିତ ରାଜସ୍ୱ ବୃଦ୍ଧି ଏବଂ ବୈଶ୍ୱିକ ଆହ୍ୱାନର ମୁକାବିଲା ଲାଗି ରପ୍ତାନୀ କାରବାର ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ସେ କହିଛନ୍ତି । ଶ୍ରୀମତୀ ସୀତାରମଣ ଭାରତୀୟ ରପ୍ତାନୀକାରୀମାନଙ୍କୁ ପ୍ରଶଂସାକରି କହିଛନ୍ତି, ସେମାନେ ବିଶ୍ୱ ବଜାରରେ ନୂତନ ବିପଣନ କେନ୍ଦ୍ରକୁ ଚିହ୍ନଟ କରିପାରିଛନ୍ତି ଏବଂ ସେମାନଙ୍କର କାର୍ଯ୍ୟ ଜାରି ରଖିଛନ୍ତି ।

ବିକଶିତ ଭାରତ ୨୦୪୭ ସମ୍ପର୍କରେ ସୂଚନା ଦେଇ ଶ୍ରୀମତୀ ସୀତାରମଣ କହିଛନ୍ତି, ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ନିଶ୍ଚିତ ଭାବେ ଭବିଷ୍ୟତର ଚାହିଦାକୁ ପୂରଣ କରିବାରେ ସହାୟକ ହେବ । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ

ଆବଶ୍ୟକ ସଂସ୍କାର ଏବଂ ପ୍ରସ୍ତୁତିର ମାର୍ଗଦର୍ଶନ ନିମନ୍ତେ ଏକ କମିଟି ଗଠନ କରାଯିବ ବୋଲି ସେ ଘୋଷଣା କରିଛନ୍ତି ।

## ଆପ୍-ଏମ୍‌ପି ରିଜାଇନ୍

ରାଜ୍ୟସଭାର ଆମ୍ ଆଦମୀ ପାର୍ଟିର ତିନି ଜଣ ସଂସଦ ସଦସ୍ୟ ରାଘବ ଚଢ଼ା, ସନ୍ଦୀପ ପାଠକ ଏବଂ ଅଶୋକ ମିତଲ ଦଳ ତ୍ୟାଗ କରିଥିବା ଘୋଷଣା କରିଛନ୍ତି । ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଚଢ଼ା କହିଛନ୍ତି, ରାଜ୍ୟସଭାର ଅନ୍ୟ ଆପ୍ ସାଂସଦଙ୍କ ସମେତ ସେ ବିଜେପିରେ ଯୋଗଦେବେ । ସେ କହିଛନ୍ତି, ରାଜ୍ୟସଭାର ଆପ୍‌ର ଦୁଇ ତୃତୀୟାଂଶ ସଦସ୍ୟ ବିଜେପି ସହିତ ଯୋଗଦେବା ଲାଗି ନିଷ୍ପତ୍ତି ନେଇଛନ୍ତି ।

ରାଜ୍ୟସଭାର ଏହି ସାଂସଦମାନଙ୍କ ଦଳରୁ ଇସ୍ତଫା ଦେବା ସମ୍ପର୍କରେ ପ୍ରତିକ୍ରିୟା ପ୍ରକାଶ କରି ଆପ୍ ନେତା ସଂଜୟ ସିଂହ କହିଛନ୍ତି, ପଞ୍ଜାବବାସୀ ତଥା ଦଳ ପ୍ରତି ସେମାନେ ବିଶ୍ୱାସଘାତକତା କରିଛନ୍ତି । ସେମାନଙ୍କୁ ଦେଶ ସେବା ପାଇଁ କାର୍ଯ୍ୟ କରିବା ନିମନ୍ତେ ଦଳ ସୁଯୋଗ ଦେଇଥିଲା । ଆପ୍ ଶାସନ ଅଧୀନରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗବନ୍ତ ମନଙ୍କ ଦ୍ୱାରା ଉତ୍ତମ କାର୍ଯ୍ୟ ଜାରି ରଖିବା ଦିଗରେ ବିଜେପି ଅବରୋଧ କରୁଛି ବୋଲି ସଂଜୟ ସିଂହ ସମାଲୋଚନା କରିଛନ୍ତି ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୬ ତାରିଖ ରବିବାର ପୂର୍ବାହ୍ଣ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ଇଣ୍ଡିଆ-ଉଜ୍‌ବେକିସ୍ତାନ

ଭାରତ-ଉଜ୍‌ବେକିସ୍ତାନ ମିଳିତ ସାମରିକ କୌଶଳ 'ଡଷ୍ଟଲିକ୍'ର ସପ୍ତମ ସଂସ୍କରଣ ଆଜି ଉଜ୍‌ବେକିସ୍ତାନର ନମନଗାନ୍ ଠାରେ ଉଦ୍‌ଯାପିତ ହୋଇଛି । ୬୦ ଜଣ ଅଧିକାରୀମାନଙ୍କୁ ନେଇ ଗଠିତ ଭାରତୀୟ ସାମରିକ ଦଳରେ ୪୫ ଜଣ ସେନାବାହିନୀର ଏବଂ ବାୟୁସେନାର ୧୫ ଜଣ

ଅଧିକାରୀ ସାମିଲ ଥିଲେ । ସେହିପରି ଉଜ୍‌ବେକିସ୍ତାନ ସାମରିକ ଦଳରେ ଉଜ୍‌ବେକିସ୍ତାନ ସେନା ଏବଂ ବାୟୁସେନା ବାହିନୀର ୬୦ ଜଣ ଅଧିକାରୀ ସାମିଲ ହୋଇଥିଲେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଭାରତୀୟ ସେନା ପକ୍ଷରୁ କୁହାଯାଇଛି, ଏହି ସାମରିକ କୌଶଳ ସନ୍ତ୍ରାସବାଦ ବିରୁଦ୍ଧରେ ସଂଗ୍ରାମ କରିବା ଲାଗି ଦୁଇ ଦେଶ ମଧ୍ୟରେ କୌଶଳ ବିନିମୟ କରିବା ଲାଗି ସୁଯୋଗ ସୃଷ୍ଟି କରିଥିଲା ।

## ପଞ୍ଚାୟତରାଜ-ବାଘେଲ

କେନ୍ଦ୍ର ପଞ୍ଚାୟତରାଜ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ସିଂହ ବାଘେଲ କହିଛନ୍ତି, ଗ୍ରାମ, କୃଷକ ଏବଂ ପଞ୍ଚାୟତର ବିକାଶ ଦ୍ୱାରା ହିଁ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହୋଇପାରିବ । ଜାତୀୟ ପଞ୍ଚାୟତରାଜ ଦିବସ ଅବସରରେ ଆଜି ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, ଜାତୀୟ ପ୍ରଗତି ନିମନ୍ତେ ତୃଣମୂଳ ସ୍ତରରେ ସମାବେଶୀ ବିକାଶର ଆବଶ୍ୟକତା ରହିଛି ।

ସରକାର ସୁ-ଶାସନ ବ୍ୟବସ୍ଥା ପରିଚାଳନା ଏବଂ ଦକ୍ଷତାର ଉନ୍ନତି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ କ୍ରମେ ବିଭିନ୍ନ ସରକାରୀ ଯୋଜନାର ସୁବିଧା ତୃଣମୂଳ ସ୍ତରରେ ଲୋକଙ୍କ ନିକଟରେ ପହଞ୍ଚି

ପାରିଛି । ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ବ୍ୟବସ୍ଥାର ସୁନିଶ୍ଚିତ କରାଯିବା ଯୋଗୁଁ ହିତାଧିକାରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ସହାୟତା ରାଶି ପ୍ରଦାନ କରାଯାଇ ସ୍ୱଚ୍ଛତା ଅଣାଯାଇପାରିଛି ବୋଲି ଶ୍ରୀ ବାଘେଲ କହିଛନ୍ତି ।

## ସେନସସ ୨୦୨୭

ରେଜିଷ୍ଟ୍ରର ଜେନେରାଲ୍ କାର୍ଯ୍ୟାଳୟ ଏବଂ ଜନଗଣନା ଆୟୋଗଙ୍କ ପକ୍ଷରୁ ଜନଗଣନା ୨୦୨୭ ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲାଗି ଜାତୀୟ ଟୋଲ ଫ୍ରି' ହେଲ୍ପଲାଇନ୍ ନମ୍ବର ୧୮୫୫ କାର୍ଯ୍ୟକାରୀ କରିବ । ଏହା ଗୃହ ତାଲିକା ଏବଂ ଗୃହ ଗଣନା କାର୍ଯ୍ୟକୁ ଆଞ୍ଚଳିକ ଭାଷା ଏବଂ ଇଂରାଜୀ ଭାଷାରେ ମାର୍ଗଦର୍ଶନ କରିବ । ଜନଗଣନା କାର୍ଯ୍ୟରେ ସ୍ୱଚ୍ଛତା ପ୍ରଦାନ କରିବା, ସରଳୀକରଣ କରିବା ଏବଂ ନାଗରୀକମାନଙ୍କୁ ସହାୟତା ପ୍ରଦାନ କରିବା ଲକ୍ଷ୍ୟରେ ଏହି ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି ।

## ଆଇପିଏଲ୍

ଆଇପିଏଲ କ୍ରିକେଟରେ ଆଉ ଅଳ୍ପ ସମୟ ପରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜୁରାଟ

ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।